# Akashvani, Sambalpur

## SAMBALPURI NEWS EVENING BULLETIN

**20 July 2025- 7.02 pm- 7.12 pm.**

*****************************************************

୧- ସଂସଦ୍‌ର ମୌସୁମୀ ଅଧିବେଶନ୍ ଆଏବା କାଏଲ୍‌ନୁ ହେବା ମୁଲ୍ ।

- କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡାଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଛେ ସର୍ବଦଲୀୟ ବୈଠକ୍ ।

୨- ରାଏଜେ ୮୦ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର୍ ରେଲ୍‌ପ୍ରକଳ୍ପ କାମ୍ ଚାଲିଛେ - କହେଲେ ରେଲ୍ ରାଷ୍ଟ୍ରମନ୍ତ୍ରୀ ।

୩- ଉନ୍ନତ୍ ଚିକିତ୍ସା ଲାଗି ଦିଲ୍ଲୀ ଏମ୍ସକେ ସ୍ଥାନାନ୍ତରିତ୍ ହେଲେ ବଲଙ୍ଗା ପିଡ଼ିତା ।

ଆଉର୍

୪- ରାଜ୍ୟର୍ ସହରାଂଚଲ୍ ସ୍ଥାନୀୟ ସଂସ୍ଥାମାନ୍‌କେ ବିଚାରାଧୀନ୍ ଅଭିଯୋଗ୍ ମାନ୍‌କର୍ ସମାଧାନ୍ ଲାଗି ମୁଲ୍ ହେଲା ଖାସ୍ ଅଭିଯାନ୍ ।

ସଂସଦ୍ ମୌସୁମୀ ଅଧିବେଶନ୍ ଏନ୍ଏସ୍‌ଡି

ସଂସଦ୍‌ର ମୌସୁମୀ ଅଧିବେଶନ୍ ଆଏବା କାଏଲ୍‌ନୁ ମୁଲ୍ ହେବା । ଇତାର୍ ଆଘୋନୁ ଆଏଜ୍ ସର୍ବଦଲୀୟ ବୈଠକ୍ ହେଇଯାଇଛେ । ଅଧିବେଶନ୍ ସମିଆଥି ଦୁହି ସଦନ୍‌କେ ସୁରୁଖୁରୁଥି ଚଲାବାର୍ ଲାଗି ସର୍‌କାର୍ ସବୁ ରାଜନୈତିକ୍ ଦଲ୍ ମାନ୍‌କର୍ ସାଙ୍ଗେ ସହମତି ବାବ୍‌ଦେ ଆଲୋଚନା କରିଛନ୍ । କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଭିନ୍ ଭିନ୍ ରାଜନୈତିକ୍ ଦଲ୍‌ର ନେତୃବୃନ୍ଦ ଯୋଗ୍ ଦେଇଥିଲେ । ବୈଠକ୍‌ଥି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ, ସଂସଦୀୟ ବ୍ୟାପାର୍ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ୍ ରାମ୍ ମେଘ୍‌ୱାଲ୍ ଆର୍ ଡକ୍ଟର୍ ଏଲ୍. ମୁରୁଗ୍‌ଗନ୍ ଉପସ୍ଥିତ୍ ଥିଲେ । ସଂସଦର ମୌସୁମୀ ଅଧିବେଶନ୍ ଆଏବା କାଏଲ୍‌ନୁ ମୁଲ୍ ହେଇକରି ଅଗଷ୍ଟ ୨୧ ତାରିଖ୍ ତକ୍ ଚାଲ୍‌ବା । ଇ ଅଧିବେଶନ୍ ସମିଆଥି ଦୁହି ଗୃହ ନ ୨୧ ଟା ଲେଖା କାର୍ଯ୍ୟଦିବସ୍ ରହିଛେ । ସୂଚ୍‌ନା ଅନ୍‌ସାରେ ମୌସୁମୀ ଅଧିବେଶନ୍ ସମିଆଥି ଜନ ବିଶ୍ୱାସ୍ ବିଧେୟକ୍, ଜାତୀୟ କ୍ରୀଡ଼ା ପ୍ରଶାସନ୍ ବିଧେୟକ୍ ଆଉ ଅଲ୍‌ଗା କେତେଟା ଜରୁରୀ ବିଧେୟକ୍ ଉପସ୍ଥାପନ୍ ହେବାର୍ ସମ୍ଭାବନା ରହିଛେ ।

ପୁରୀ ରେଲ୍‌ଷ୍ଟେସନ୍ ପୁରୀ ସମ୍ବାଦଦାତା

ପୁରୀ ବିଶ୍ୱସ୍ତରୀୟ ରେଲ୍‌ଷ୍ଟେସନ୍ ଆଏବା ବଛର୍ ଜାନୁଆରୀ ମାସେ ଲୋକାର୍ପିତ୍ ହେବା ବଲି କେନ୍ଦ୍ର ରେଲ୍ ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା କହିଛନ୍ । ପୁରୀ ରେଲ୍‌ଷ୍ଟେସନ୍‌ର ଥିତି ସମୀକ୍ଷା କର୍‌ବାର୍ ଅବ୍‌ସରେ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ରେଲ୍ ରାଷ୍ଟ୍ରମନ୍ତ୍ରୀ ଓଡ଼ିଶା ନ ୫୯ ଟା ଷ୍ଟେସନ୍‌କେ ୨ ହଜାର୍ ୩ ଶହ ୭୯ କୋଟି ଟଙ୍କା ଖର୍ଚ୍ଚାଥି ପୁନର୍ବିକାଶ୍ କରାଯାଉଛେ ଆଉ ପାଖାପାଖି ୮୦ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର୍ ରେଲ୍ ପ୍ରକଳ୍ପ ଚାଲୁଛେ ବଲି କହିଛନ୍ । ସେ କହିଛନ୍, ସମ୍ବଲ୍‌ପୁର୍, ଭୁବ୍‌ନେଶ୍ୱର୍, କଟକ୍ ଆର୍ ବାଲେଶ୍ୱର୍ ନ ଭିଲ୍ ବିଶ୍ୱସ୍ତରୀୟ ରେଲ୍‌ଷ୍ଟେସନ୍ କାମ୍ ଖୋବ୍ ଜଲ୍‌ଦି ପୁରା ହେବା ।

ମେଲେରିଆ ଭେକ୍ସିନ୍ ଏନ୍‌ଏସ୍‌ଡି

ଦେଶେ ମେଲେରିଆ ଥିତିର୍ ମୁକାବିଲା ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଗୁଟେ ବହୁମୁଖୀ ମେଲେରିଆ ଟୀକା ଏଡ଼ଫଲ୍‌ସିଭାକ୍ସ ବାହାର୍ କରାଯାଇଛେ । ମୁନୁଷ୍ ଦିହୁ ମେଲେରିଆର୍ ଜୀବାଣୁକେ ମାରିକରି ଖୋବ୍ କମ୍ ସମିଆଥି ଇ ରୋଗ୍‌ନୁ ଭଲ୍ କର୍‌ବାର୍‌ଟା ଇ ଟୀକାକରଣ୍‌ର ଲକ୍ଷ୍ୟ ଆଏ । ଭାରତୀୟ ଭେଷଜ ଗବେଷଣା ପରିଷଦ୍ ଆଇସିଏମ୍‌ଆର୍, ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗ୍ ଆଉ

ଜାତୀୟ ଟୀକାକରଣ୍ ସଂସ୍ଥା ଭିତ୍‌ରେ ଇ ଭେକ୍ସିନ୍‌କେ ଉନ୍ନତିକରଣ୍ କରାଯାଇପାରିଛେ । ଇ ଟୀକା ମୁନୁଷ୍ ଶରୀର୍‌ଥି ଠିକ୍ ଭାବେ କାମ୍ କର୍‌ବା ବଲି ବୈଜ୍ଞାନିକ୍ ମାନ୍‌କର୍ ଅନୁସନ୍ଧାନ୍‌ନୁ ଜନାପଡ଼ିଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜାତୀୟ ମାନବାଧିକାର କମିଶନ୍ ଶୁଣାଣି/ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ମାନବାଧିକାର୍ ଆୟୋଗ୍ ଆଏବା କାଏଲ୍ ନୁ ଦୁଇଦିନିଆ ମାନବାଧିକାର୍ ଉଲ୍ଲଂଘନ୍ ବାବଦ ମାମ୍‌ଲା ମାନ୍‌କର୍ ଶୁଣାଣି କର୍‌ବେ । ଇଥିର୍‌ଲାଗି ଭୁବ୍‌ନେଶ୍ୱର୍ ଶିବିର ଆୟୋଜନ୍ କରାଯାଉଛେ । ଜାତୀୟ ମାନବାଧିକାର୍ ଆୟୋଗ୍ ଅଧ୍ୟକ୍ଷ ନ୍ୟାୟାମୂର୍ତ୍ତି/ ଜଷ୍ଟିସ୍ ଭି. ରାମ୍

ସୁବ୍ରମଣ୍ୟମ୍ ଆଉ ଅଲ୍‌ଗା ସଦସ୍ୟମାନେ ରାଜ୍ୟ ଅତିଥି ଭବନ୍ ନ ସଖାଲର୍ ୧୦ ବଜେନୁ ମାମ୍‌ଲା ମାନ୍‌କର୍ ଶୁଣାଣି କର୍‌ବେ । ଇ ଅବ୍‌ସରେ ମାନବାଧିକାର୍ ବାବ୍‌ଦେ ଜନସଚେତନତା ବୃଦ୍ଧି ଲାଗି ଆୟୋଗ୍ -ରାଜ୍ୟର୍ ମୁଖ୍ୟ ଶାସନ୍ ସଚିବ, ପୁଲିସ୍ ମହାନିର୍ଦ୍ଦେଶକ୍ ଆଉ ଅଲ୍‌ଗା ବରିଷ୍ଠ ପଦାଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ବଳଙ୍ଗା ପିଡ଼ିତା - ଏୟାର୍‌ଲିଫ୍ଟ୍     ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ଏମ୍ସ ନ ଚିକିତ୍ସିତ୍ ହେଉଥିବା ପୁରୀ ଜିଲ୍ଲା ବଳଙ୍ଗା ଥାନା ଇଲାକାର୍ ପିଡ଼ିତାଙ୍କୁ ଉନ୍ନତ୍ ଚିକିତ୍ସାର୍ ଲାଗି ଦିଲ୍ଲୀ ଏମ୍ସକେ ଏୟାର୍‌ଲିଫ୍ଟ୍ କରାଯାଇଛେ । ଖାସ୍ ଏୟାର୍ ଏମ୍ବୁଲେନ୍ସ ଜରିଏ ଭୁବ୍‌ନେଶ୍ୱର୍ ଏମ୍ସର ଡାକ୍ତରୀ ଦଲ୍ ଆଉ ପିଡ଼ିତାଙ୍କର୍ ପରିବାର୍‌ର ଦୁଇ ଝନ୍ ସଦସ୍ୟ ତାଙ୍କର୍ ସାଙ୍ଗେ ଦିଲ୍ଲୀ ଯାଇଛନ୍ । ପିଡ଼ିତାଙ୍କୁ ଭୁବନେଶ୍ୱର୍ ଏମ୍ସନୁ ବିଜୁ ପଟ୍ଟନାୟକ୍ ବିମାନ୍ ବନ୍ଦର୍‌କେ ନେବାର୍ ଲାଗି ଗ୍ରୀନ୍ କରିଡ଼ର୍ ବ୍ୟବସ୍ଥା କରାଯାଇଥିଲା । ତାଙ୍କର୍ ସ୍ୱାସ୍ଥ୍ୟବସ୍ଥାଥି ସାମାଏନ୍ ସୁଧାର୍ ଆସିଛେ । ଇହାଦେ ତାଙ୍କୁ ଦିଲ୍ଲୀ ଏମ୍ସ ସ୍ଥାନାନ୍ତର୍ କରାଯାଇଛେ ବଲି ଭୁବ୍‌ନେଶ୍ୱର୍ ଏମ୍ସ ନିର୍ଦ୍ଦେଶକ୍ ପ୍ରଫେସର୍ ଡାକ୍ତର୍ ଆଶୁତୋଷ୍ ବିଶ୍ୱାସ୍ କହିଛନ୍ । ସେଆଡ଼େ ବଳଙ୍ଗା ପୁହୁଁଚିକରି ରାଜ୍ୟ ପୁଲିସ୍

ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ ଥିତିର୍ ଅନୁଧାନ୍ କରିଛନ୍ ।

ଏଫ୍‌ଏମ୍ କଲେଜ୍ ଛାତ୍ରୀ ଆତ୍ମହୁତି ମାମ୍‌ଲା ତଦନ୍ତ୍ ହି.ସ.

ବାଲେଶ୍ୱର୍ ଏଫ୍‌ଏମ୍ କଲେଜ୍ ଛାତ୍ରୀ ଆତ୍ମହୁତି ମାମ୍‌ଲାଥି କ୍ରାଇମ୍‌ବ୍ରାଂଚ୍ ତର୍‌ଫୁ ତଦନ୍ତ୍ ଚାଲିଛେ । ଆଏଜ୍ ସଖାଲ୍‌ବେଲା କ୍ରାଇମ୍‌ବ୍ରାଂଚ୍ ଡିଜି ବିନୟତୋଷ ମିଶ୍ର ବାଲେଶ୍ୱର୍ ପୁହୁଁଚିକରି ଘଟ୍‌ନାର୍ ତଦନ୍ତ୍ କରିଛନ୍ । ଇତାର୍ ଆଘୋନୁ କ୍ରାଇମ୍‌ବ୍ରାଂଚ୍ ଦଲ୍ କଲେଜ୍ ପରିସର୍‌କେ ଯାଇକରି ଘଟ୍‌ନାସ୍ଥଲ୍ ପରିଦର୍ଶନ୍ କର୍‌ବାର୍ ସହେତେ କର୍ମଚାରୀ ଆଉ ଛାତ୍ରଛାତ୍ରୀମାନ୍‌କୁ ପଚ୍‌ରାଉଚ୍‌ରା କରିଥିଲା । ସେଆଡ଼େ କ୍ରାଇମ୍‌ବ୍ରାଂଚ୍ ଦଲ୍ ଆହତ ଛାତ୍ର ଜ୍ୟୋତିପ୍ରକାଶ୍ ବିଶ୍ୱାଲ୍‌ଙ୍କୁ ଭିଲ୍ ପଚ୍‌ରାଉଚ୍‌ରା କରିଥିବାର୍ ବେଲେ ଛାତ୍ରୀ ରହୁଥିବା ହଷ୍ଟେଲ୍ ନ ଭିଲ୍ ଥିତିର୍ ଯାଂଚ୍ କରିଥିଲା ।

ୟୁଏଲ୍‌ବି I&PR

ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ରାଜ୍ୟର୍ ସହରାଂଚଲ୍ ସ୍ଥାନୀୟ ସଂସ୍ଥା ୟୁଏଲ୍‌ବି ମାନ୍‌କେ ସବୁ

ବିଚାରାଧୀନ୍ ଅଭିଯୋଗ୍ର ସମାଧାନ୍ ଲାଗି ଗୁଟେ ଉତ୍ସର୍ଗୀକୃତ ଖାସ୍ ଅଭିଯାନ୍ର ଘୋଷ୍ନା କରାଯାଇଛେ । ଆଏଜ୍ଠାନୁ ଆଏବା ୨୫ ତାରିଖ୍ତକ ଧାରିଜ୍ ହେଇଥିବା ଜନଶୁଣାଣି, କେନ୍ଦ୍ରୀକୃତ ଜନ ଅଭିଯୋଗ୍ ସମାଧାନ୍, ମନିଟରିଂ ସିଷ୍ଟମ୍ ଆଉ ହେଲ୍ପଡେସ୍କ ଜରିଏ ଭିନ୍ ଭିନ୍ ଅଭିଯୋଗ୍ର ସମାଧାନ୍ କରାଯିବା । ଇ ବାବ୍ଦେ ବିଭାଗ୍ ତର୍ଫୁ କୁହାଯାଇଛେ, ଇ  ଖାସ୍ ଅଭିଯାନ୍ ଗୁଣାତ୍ମକ୍ ସେବା ଦେବାର୍ ଆଉ ଅପହଂଚ୍ ଇଲାକା ନ ଭିଲ୍ ସୁଶାସନ୍ ସୁନିଶ୍ଚିତ୍ କର୍ବାର୍ ଲାଗି ଗୁଟେ ନିରନ୍ତର୍ ପ୍ରୟାସ୍ ଭାବେ ଇ ପଦକ୍ଷେପ୍ ନିଆଯାଇଛେ । ସବୁ ୟୁଏଲ୍ବି ମାନ୍କୁ ଆଏବା ୨୯ ତାରିଖ୍ତକ୍ ଇ ଅଭିଯାନ୍କେ ନେଇକରି କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ ରିପୋର୍ଟ ଦାଖଲ୍ କର୍ବାର୍କେ ବିଭାଗ୍ ତର୍ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଶକ୍ତିଶ୍ରୀ          ଆର୍ଏନ୍ୟୁ/ କଟକ୍

ରାଏଜେ ଛାତ୍ରୀମାନ୍କର୍ ସୁରକ୍ଷା ଆଉ ନିରାପତାକେ ନଜର୍ଥି ରଖିକରି ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍ଥି ଥିବା ୧୬ ଟା ବିଶ୍ୱବିଦ୍ୟାଳୟ ଆଉ ୭ ଶହ ୩୦ ଟା ସର୍କାରୀ ଆଉ ଅନୁଦାନ୍ ପ୍ରାପ୍ତ ମହାବିଦ୍ୟାଳୟମାନ୍କେ ସରକାର୍ ଶକ୍ତିଶ୍ରୀ ଯୋଜ୍ନା କାର୍ଯ୍ୟକାରୀ କରିଛନ୍ । ମହିଳାମାନ୍କର୍ ସମ୍ମାନ୍ ଆଉ ସୁରକ୍ଷା

ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଶକ୍ତିଶ୍ରୀ ଯୋଜ୍‌ନା ବାବ୍‌ଦେ ଗୁଟେ ରିପୋର୍ଟ....

(ଭଏସ୍ ଓଭର୍-ତେଜଶ୍ରୀ ମିଶ୍ର)

ରାଏଜେ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ ସୁରକ୍ଷିତ୍ ଶିକ୍ଷା ବାତାବରଣ୍ ସହେତେ ଛାତ୍ରୀମାନ୍‌କର୍ ସଶକ୍ତିକରଣ୍ ଆଉ ସର୍ବାଙ୍ଗୀନ ବିକାଶ୍ ସୁନିଶ୍ଚିତ୍ କର୍‌ବାର୍ ଲାଗି ସର୍‌କାର୍ ଶକ୍ତିଶ୍ରୀ କାର୍ଯ୍ୟକ୍ରମ୍ ମୂଲ୍ କରିଛନ୍ । ଶିକ୍ଷାନୁଷ୍ଠାନ୍ ମାନ୍‌କେ ଶକ୍ତିଶ୍ରୀ ସଶକ୍ତିକରଣ୍ କେନ୍ଦ୍ର ଖୁଲାଯିବା । ଯେନ୍‌ଟାକି ଛାତ୍ରୀମାନ୍‌କର୍ ଦ୍ୱାରା ପରିଚାଲିତ୍ ହେବା । ଇତାର୍‌ସହେତେ ଝନେ ଛାତ୍ରୀ ଶକ୍ତିଶ୍ରୀ ସାଥୀ ଆଉ ଝନେ ଅଧ୍ୟାପିକା ଶକ୍ତିଶ୍ରୀ ସଂଯୋଜିକା ଭାବେ ଇ କେନ୍ଦ୍ରକେ ପରିଚାଲନା କର୍‌ବେ । ଭିନ୍ ଭିନ୍ କ୍ଷେତ୍ରଥି ନାଁ କରିଥିବା ୫ ଝନ୍ ମହିଲାଙ୍କୁ 'ଶକ୍ତି ଅପା' ଭାବେ ଜିଲ୍ଲାପାଲ୍‌ମାନେ ମନୋନୀତ୍ କର୍‌ବେ । ଫି' ୩ ମାସେ ଥରେ ଶକ୍ତିଅପା ମାନେ ଶିକ୍ଷାନୁଷ୍ଠାନ୍ ପରିଦର୍ଶନ୍ କର୍‌ବେ । ଶକ୍ତିଶ୍ରୀ ସଶକ୍ତିକରଣ୍ କେନ୍ଦ୍ର ନ ଗୁଟେ ୬ ଦିନିଆ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ କରାଯାଇକରି ଛାତ୍ରୀମାନ୍‌କୁ ଆତ୍ମସୁରକ୍ଷା, ମାନସିକ୍ ସ୍ୱାସ୍ଥ୍ୟ ବାବ୍‌ଦେ ଶିକ୍ଷା ଦେବାର୍ ସହେତେ ଇତାର୍ ଆଇନ୍‌ଗତ ଦିଗ୍ ବାବ୍‌ଦେ ତାଲିମ୍ ଦିଆଯିବା । ଇତାର୍‌ସହେତେ ଛାତ୍ରୀମାନ୍‌କୁ ସାହାଜ୍ କର୍‌ବାର୍ ଲାଗି ଶକ୍ତିଶ୍ରୀ ଆପ୍ ନାଁଥି ଗୁଟେ ନୂଆଁ ମୋବାଇଲ୍ ଆପ୍ କାର୍ଯ୍ୟକାରୀ କରାଯିବା । କେନ୍‌ସି ଛାତ୍ରୀ

ପ୍ରତିକୂଳ ପରିସ୍ଥିତିର୍ ସାମ୍ନା କଲେ ନିଜର୍ ନାଁକେ ଗୁପତ୍ ରଖିକରି ଇ ଆପ୍ ଜରିଏ ଅଭିଯୋଗ୍ ପଞ୍ଜିକରଣ୍ କରେଇପାର୍‌ବେ । ବିଶ୍ୱବିଦ୍ୟାଳୟ ଆଉ ମହାବିଦ୍ୟାଳୟ ଛାତ୍ରୀମାନ୍‌କୁ ସୁରକ୍ଷିତ୍ ବାତାବରଣ୍ ଦେବାର୍‌ଥି ଆଏବା ଦିନେ ଗୁଟେ ବର୍‌କସ୍ ଜରିଆ ଭାବେ କାମ୍ କର୍‌ବା ବଲି ଆଶା କରାଯାଉଛେ । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ୍ ବିଭାଗ୍ ତର୍‌ଫୁ ତେଜଶ୍ରୀ ମିଶ୍ର ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୭ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ନିଜର୍ ମତାମତ୍ ଆଏବା ୨୫ ତାରିଖ୍ ଭିତ୍‌ରେ ଦେଇପାର୍‌ବେ ।

ଜଙ୍ଗଲ୍ , ପରିବେଶ ମନ୍ତ୍ରୀ- କଳାହାଣ୍ଡି    କଳାହାଣ୍ଡି ସମ୍ବାଦଦାତା

ଜଙ୍ଗଲ୍ , ପରିବେଶ୍ ଆଉ ଶ୍ରମମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କଳାହାଣ୍ଡି ଜିଲ୍ଲାକେ ୨ ଦିନିଆ ଗସ୍ତଥି ଆସିକରି ୨ ନମ୍ବର୍ ଦିନେ ଆଏଜ୍ ଭବାନୀପାଟ୍ନା କୃଷି ବିଜ୍ଞାନ୍ କେନ୍ଦ୍ର ପାଶେ ଜଙ୍ଗଲ୍ ବିଭାଗ୍ ତର୍ଫୁ ହେଇଥିବା ବୃକ୍ଷରୋପଣ୍ ଇଲାକା ବୁଲି ଦେଖିଥିଲେ । ତାର୍ ଉତ୍ରୁ ଜୁନାଗଡ୍ ବ୍ଲକ୍ କୋଏଲ୍ ଗାଁ ନ ୩୨ ହଜାର୍ ଗଛ୍ ଲଗେଇକରି ଜଙ୍ଗଲ୍ କରାଯାଇଥିବା ଇଲାକାକେ ଭିଲ୍ ପରିଦର୍ଶନ୍ କରିଥିଲେ । କଲମ୍ପୁର୍ ବ୍ଲକ୍ର ମଣ୍ଡି ପରିସର୍ ଆର୍ ନିର୍ମାଲ୍ୟ କ୍ଷେତ୍ର ଜଗନ୍ନାଥ୍ ମନ୍ଦିର୍ ଠାନେ ଦକ୍ଷିଣ ବନଖଣ୍ଡ ତର୍ଫୁ ହେଇଥିବା 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ୍ର ୨ ନମ୍ବର୍ ଖେପେ ମନ୍ତ୍ରୀ ଗଛ୍ ଜଗେଇଥିଲେ । କାର୍ଯ୍ୟକ୍ରମ୍ଥି ଧର୍ମଗଡ୍ ବିଧାୟକ୍ ସୁଧୀର୍ ରଞ୍ଜନ୍ ପାଟ୍ଟଯୋଷୀଙ୍କର୍ ସହେତେ ଜଙ୍ଗଲ୍ ବିଭାଗ୍ର ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଓଟିଇଟି ସ୍ଥଗିତ    ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା ଓଟିଇଟିକେ ଇହାଦେର୍ ଲାଗି ସ୍ଥଗିତ୍ ରଖାଯାଇଛେ । ଇ ପରୀକ୍ଷା ଆଏଜ୍ ହେବାର୍କେ

ଥିଲା । ହେଲେ ସାମାଜିକ୍ ଗଣମାଧ୍ୟମ୍‌ରୁ ପ୍ରଶ୍ନପତ୍ର ପ୍ରଘଟ୍ ଅଭିଯୋଗ୍ ହେବାର୍ ଉତ୍‌ରୁ ବୋର୍ଡ୍ ତରଫ୍‌ରୁ ପରୀକ୍ଷାକେ ସ୍ଥଗିତ୍ ରଖାଯାଇଛେ ।

ଯୁକ୍ତଦୁଇ କଲେଜ୍ ମାନ୍ୟତା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସଦର୍ ଉପଖଣ୍ଡର ୫ ଟା ଆଉ ଖଡ଼ିଆଲ୍ ଇଲାକାର୍ ୩ ଟା ହାଇସ୍କୁଲ୍‌କେ ସର୍କାର୍‌ଙ୍କର୍ ତର୍‌ଫୁ ଯୁକ୍ତଦୁଇ କଲେଜ୍‌ର ମାନ୍ୟତା ଦେବାର୍ ଲାଗି ମଞ୍ଜୁରୀ ମିଲିଛେ । ଇଥିର୍‌ଲାଗି ଲୁକ୍‌କର୍ ତର୍‌ଫୁ ବହୁତ୍‌ଦିନୁ ଦାବି ହେଉଥିଲା ।

ସଡ଼କ୍ ସୁରକ୍ଷା ସମୀକ୍ଷା ବୈଠକ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ତାଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାନେ ଜିଲ୍ଲା ସଡ଼କ୍ ସୁରକ୍ଷା ସମୀକ୍ଷା ବୈଠକ୍ ହେଇଯାଇଛେ । ଆଂଚଳିକ୍ ପରିବହନ୍ ଅଧିକାରୀ ଶିଶିର୍ କୁମାର୍ ସାହୁ ଦୁର୍ଘଟଣା ରୁକ୍‌ବାର୍ ଲାଗି ବିଭାଗ୍ ତର୍‌ଫୁ ନିଆଯାଇଥିବା ଭିନ୍ ଭିନ୍ ପଦକ୍ଷେପ୍ ବାବ୍‌ଦେ ବୈଠକ୍‌ଥି ବିସ୍ତୃତ୍ ରିପୋର୍ଟ ଦେଇଥିଲେ ।

ଜିଲ୍ଲାପାଳ୍-ସଚେତନତା କର୍ମଶାଳା       ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ ନ କାର୍ଯ୍ୟକ୍ଷେତ୍ରଥି ମହିଳାମାନ୍‌କୁ ଯୌନ ଶୋଷଣ୍ ନିରାକରଣ୍ ଲାଗି ଗୁଟେ ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଳା ହେଇଯାଇଛେ । ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କର୍ମଶାଳାଥି ମହିଳାମାନ୍‌କୁ ଯୌନ ଶୋଷଣ୍ ନିରାକରଣ୍ ନିଷେଧ ଆଉ ସମାଧାନ୍ ଆଇନ୍ - ୨୦୧୩, ସବୁ କାର୍ଯ୍ୟାଳୟ ମାନ୍‌କେ ଇ ବାବ୍‌ଦେ ଆଭ୍ୟନ୍ତରିଣ କମିଟି ଗଠନ୍ ବାବ୍‌ଦେ ସଚେତନ୍ କରାଯାଇଥିଲା ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ନ ଆଏବା ୨୨ ନୁ ୨୪ ତାରିଖ୍ ଭିତ୍‌ରେ ଆଉ ଗୁଟେ ଘୂର୍ଣ୍ଣିବଳୟ ହେବାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ୨୩ ତାରିଖ୍ ଭିତ୍‌ରେ ଇଟା ଲଘୁଚାପ୍‌ଥି ବଦ୍‌ଲିବା । ଆଏବା ୨୪ ଘଂଟା ଭିତ୍‌ରେ ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି ସହେତେ ରାଜ୍ୟର୍ ୧୫ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ଜବର୍ ବର୍ଷା  ହେବାର୍ ସମ୍ଭାବନା ରହିଛେ ।

ହୀରାକୁଦ୍ ଜଲ୍ଭଣ୍ଡାର୍ ଇହାଦେ ୪ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଇଛେ । ଆଏଜ୍ ବେଲ୍ବୁଡ଼ାର୍ ୬ ବଜେତକ୍ ଜଲ୍ସ୍ତର୍ ୬ ଶହ ୧୦ ଦଶ୍ମିକ୍ ୭/୭ ଫୁଟ୍ ରହିଛେ ।